# ମାର୍ଚ୍ଚ ୧୪ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଭଦ୍ରକ,୨୭।୨(ସନାତନ ରାଉତ)**

ଭଦ୍ରକ ନଳାଙ୍ଗସ୍ଥିତ ଜିଲା କୋର୍ଟ ପରିସରରେ ୨୦୨୬ର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ମାର୍ଚ୍ଚ ୧୪ରେ ଅନୁଷ୍ଠିତ ହେବ ବୋଲି ଜିଲା ଆଇନ ସେବା ପ୍ରାଧିକରଣ ସଚିବ ପୁଣ୍ୟଶ୍ଳୋକ ରଥ ସୂଚନା ଦେଇଛନ୍ତି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧୀନ ଫୌଜଦାରି, ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ରାଜସ୍ୱ ମାମଲା, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟଜନିତ ବିବାଦ, ବୈବାହିକ ବିବାଦ, ଜମି ଅଧିଗ୍ରହଣ ଆଦିର ମଧ୍ୟ ସମାଧାନ ହୋଇପାରିବ। ଏହାର ସୁବିଧା ନେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

# ଧାନର ଅଭାବୀ ବିକ୍ରିକୁ ନେଇ ଗର୍ଜିଲା କଂଗ୍ରେସ

**ବାସୁଦେବପୁର,୨୭।୨(କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ୍)**

ଚାଷୀମାନଙ୍କ ଧାନର ଅଭାବୀ ବିକ୍ରି, କଟ୍‌ନି ଛଟ୍‌ନି, ଟୋକାନ ପ୍ରଦାନରେ ଅନିୟମିତତା, ଟାର୍ଗେଟ ନ ଦେବା, ବାହାର ରାଜ୍ୟର ବେପାରୀଙ୍କୁ ଧାନ ବିକ୍ରି ପାଇଁ ସହଯୋଗ କରିବା ଆଦି ନେଇ ବାସୁଦେବପୁର କଂଗ୍ରେସ ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ ସହ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି। ଚାଷୀମାରଣ ନୀତି ବିରୋଧରେ ନାରା ଦେଇ କଂଗ୍ରେସ କର୍ମୀ ଓ ଶତାଧିକ ଚାଷୀ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ଧାରଣାରେ ବସିଥିଲେ।

ପରେ ବିଧାୟକଙ୍କ ପ୍ରତିନିଧି ଅଚ୍ୟୁତାନନ୍ଦ ପାଢ଼ୀଙ୍କ ସଂଯୋଜନାରେ ତହସିଲ ଅଫିସ୍ ଆଗରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବିଧାୟକ ଅଶୋକ କୁମାର ଦାସ ଏଥିରେ ଯୋଗଦେଇ କହିଥିଲେ, ଚାଷୀଙ୍କ ସମସ୍ତ ଦାବିକୁ ସରକାର ମାନି ନେବା ଦରକାର। ଖୁବ୍‌ଶୀଘ୍ର ଚାଷୀଙ୍କ ସମସ୍ୟାର ସମାଧାନ କରା ନ ଗଲେ ଆନ୍ଦୋଳକୁ ତୀବ୍ର କରାଯିବ। ସରକାର ତୁରନ୍ତ ଚାଷୀମାନଙ୍କ ଧାନ ନ କିଣିଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ବିଧାୟକ ଚେତାବନୀ ଦେଇଛନ୍ତି। ସରକାରଙ୍କ ଚାଷୀମାରଣ ନୀତି ବିରୋଧରେ କଂଗ୍ରେସ ପକ୍ଷରୁ ତହସିଲଦାର ପ୍ରିୟବ୍ରତ ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ବଳ, ନଗର ସଭାପତି ଭକ୍ତ ରଞ୍ଜନ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମହାନ୍ତି, ମହିଳା ସଭାନେତ୍ରୀ ମଞ୍ଜୁଲତା ପଣ୍ଡା, ଯୁବ କଂଗ୍ରେସ ସଭାପତି ସିଦ୍ଧାନ୍ତ ଦାସ, ଛାତ୍ର କଂଗ୍ରେସ ସଭାପତି ସୁଶାନ୍ତ ମହାକୁଡ଼, ପୂର୍ବତନ ସରପଞ୍ଚ ପୁରସ୍ତମ ନାୟକ, ବିନୋବାଭାବେ ନଗର ସରପଞ୍ଚ ଆଦିତ୍ୟ ଗିରି, ଆର୍ଡୁଁ ସରପଞ୍ଚ ସୁବାସ ସନ୍ଧିବିଗ୍ରହ, ଚାଷୀ ମଦନ ମଲିକ, ରଶ୍ମିରଞ୍ଜନ ମହାନ୍ତି, ଅଜୟ କୁମାର ବାରିକ, ବିବେକାନନ୍ଦ ବିଶ୍ୱାଳ, ନିରଞ୍ଜନ ପଲେଇ ପ୍ରମୁଖ ଏଥିରେ ସାମିଲ ଥିଲେ।



କଂଗ୍ରେସ ପକ୍ଷରୁ ବାହାରିଥିବା ପ୍ରତିବାଦ ଶୋଭାଯାତ୍ରା।

# ମାର୍ଚ୍ଚ ୨୬ରେ ନଗର ସଂକୀର୍ତ୍ତନ ଶୋଭାଯାତ୍ରା

**ଶ୍ରୀରାମ ନବମୀ ମହୋତ୍ସବ ପ୍ରସ୍ତୁତି**

**ଆଗରପଡ଼ା,୨୭।୨(ସୁଶାନ୍ତ ଦାସ)**

ଭଦ୍ରକ ଜିଲା ଆଗରପଡ଼ା ଅଞ୍ଚଳର ଐତିହ୍ୟସମ୍ପନ୍ନ ପାରମ୍ପରିକ ଶ୍ରୀରାମ ନବମୀ ସମିତି ପକ୍ଷରୁ ଶ୍ରୀରାମ ନବମୀ–୨୦୨୬ ମହୋତ୍ସବ ପାଇଁ ଗୁରୁବାର ସନ୍ଧ୍ୟାରେ ଇଲେଭେନ ଷ୍ଟାର୍ କ୍ଲବ୍ ଗୃହ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ପ୍ରାୟ ୧୧ଟି ମେଢ଼ କମିଟିର ସଦସ୍ୟମାନଙ୍କ ଉପସ୍ଥିତିରେ ଚଳିତବର୍ଷର କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ବ୍ୟାପକ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସମିତି ସମ୍ପାଦକ ବାବୁରାମ ବେହେରାଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ସଭାପତି ତୃପ୍ତିରଞ୍ଜନ ଦାଶ, ଉପଦେଷ୍ଟା ଭାସ୍କର ଦାସ, ରାଜୀବ ଲୋଚନ ରାୟ, ଅଶୋକ ପରିଡ଼ା ପ୍ରମୁଖ ଯୋଗଦେଇ ମହୋତ୍ସବ ପରିଚାଳନା ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ। ଆସନ୍ତା ମାର୍ଚ୍ଚ ୨୬ରେ ବିଶାଳ ନଗର ସଂକୀର୍ତ୍ତନ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏହି ଶୋଭାଯାତ୍ରା ଚଳିତବର୍ଷ ୮ମ ବର୍ଷରେ ପଦାର୍ପଣ କରିବ।

# ଯୁବ ଲେଖକ ସାମ୍ମୁଖ୍ୟର ପରିବର୍ଦ୍ଧିତ କମିଟି ଗଠନ

**ଭଦ୍ରକ,୨୭।୨(ରବିନାରାୟଣ ଖିଲାର)**

ସାହିତ୍ୟ ଜୀବନର କଥା କହେ, ସମ୍ପର୍କ ଗଢ଼େ। ସାହିତ୍ୟ ଭାରତୀୟ ସଂସ୍କୃତି, ସଭ୍ୟତା, ପରମ୍ପରା ଏବଂ ପ୍ରଥାକୁ ପ୍ରାଧାନ୍ୟ ଦିଏ। ସାହିତ୍ୟ ବଞ୍ଚିଲେ ସମାଜର ପ୍ରଗତି ହେବ। ଏହାକୁ ପାଥେୟ କରି ରାଜ୍ୟସ୍ତରୀୟ ଯୁବ ଲେଖକ ସାମ୍ମୁଖ୍ୟ ଆନୁକୂଲ୍ୟରେ ଶୁକ୍ରବାର ଭଦ୍ରକ ବାଇପାସ୍‌ସ୍ଥିତ ଜଗନ୍ନାଥ ମନ୍ଦିର ନିକଟରେ ପଣ୍ଡିତ ଦୈତାରି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପରିବର୍ଦ୍ଧିତ କମିଟି ଗଠନ କରାଯାଇଛି। ସର୍ବସମ୍ମତିକ୍ରମେ ଉପଦେଷ୍ଟା ଭାବେ ଇଂ. ଅଭୟ ସୂତାର, ଆବାହକ ନୀହାର ରଞ୍ଜନ କର, ସଂଗଠନ ସମ୍ପାଦକ ଅପୂର୍ବ ରଞ୍ଜନ ବେହେରା, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ସାଂସ୍କୃତିକ ସଂଯୋଜକ ରାମନାରାୟଣ ମହାନ୍ତି, ଉପସଭାପତି ଭାବେ ଅରୁଣ ମଲ୍ଲିକ, ସୁଶ୍ରୀ ଅଞ୍ଜନା ମିଶ୍ର, ସହସମ୍ପାଦିକା ପ୍ରଧାନଶିକ୍ଷୟିତ୍ରୀ ଜାନକୀ ପାଢ଼ୀ, ଶିକ୍ଷୟିତ୍ରୀ ମନୋରମା ରାୟ, ସଂଯୁକ୍ତା ବଳ, ଦମୟନ୍ତୀ ରାଉତ ଓ ସାଂସ୍କୃତିକ ସମ୍ପାଦିକା ଭାବେ ରଶ୍ମିତା ଦାଶ ମନୋନୀତ ହୋଇଛନ୍ତି। ସେହିପରି ଭଦ୍ରକ ବ୍ଲକ ସଂଯୋଜକ ଭାବେ ବୈକୁଣ୍ଠ ବିଶ୍ୱାଳ, ଚରମ୍ପାର ବାବୁଲାଲ ଦାସ, କଳ୍ପନା ଜେନା, ଭଣ୍ଡାରିପୋଖରୀରୁ ପୁରୁଷୋତ୍ତମ ଧଳ, ବନ୍ତରୁ ରଞ୍ଜନ ଗିରି, ଚାନ୍ଦବାଲିରୁ ଅମୂଲ୍ୟ ରାଉତ ଓ ତିହିଡ଼ିରୁ କୈଳାଶ ବେହେରା ମୁଖ୍ୟ ସଂଯୋଜକ ଅଛନ୍ତି। ଏଥିସହ ପ୍ରଶାନ୍ତ ତ୍ରିପାଠୀ, ଅରୂପ ଦାସ ପ୍ରମୁଖଙ୍କୁ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ କରାଯାଇଛି। ଜିଲାର ବରିଷ୍ଠ କବି ଓ ଲେଖକମାନଙ୍କୁ ପରବର୍ତ୍ତୀ ବୈଠକରେ ନିଆଯିବ ବୋଲି ମତପ୍ରକାଶ ପାଇଛି। ଆସନ୍ତା ଏପ୍ରିଲ ପ୍ରଥମ ସପ୍ତାହରେ ରାଜ୍ୟ ଯୁବ ଲେଖକ ସାମ୍ମୁଖ୍ୟର ମହୋତ୍ସବ ଅନୁଷ୍ଠିତ ହେବ ବୋଲି ସମ୍ପାଦକ କହିଛନ୍ତି।

# ଶ୍ରୀଚୈତନ୍ୟଙ୍କ ନବକଳେବର ଉତ୍ସବର ୨ୟ ସନ୍ଧ୍ୟା

**ଧାମନଗର,୨୭।୨(ଦେବେନ୍ଦ୍ର ଆଦ୍ଦିଆ)**

ଧାମନଗର ବ୍ଲକ ସୋହଡ଼ା ପଞ୍ଚାୟତସ୍ଥିତ ଗୌରାଙ୍ଗପୁର ଜୟନ୍ତରାଠାରେ ଚାଲିଥିବା ଶ୍ରୀଚୈତନ୍ୟ ଦେବଙ୍କ ନବକଳେବର ଉତ୍ସବର ଗୁରୁବାର ଥିଲା ୨ୟ ସନ୍ଧ୍ୟା। ଏହି ଅବସରରେ ଏକ ଆଧ୍ୟାତ୍ମିକ ସଭା ଅନୁଷ୍ଠିତ ହୋଇଥିଲା। ଉପସ୍ଥାପିକା ଋତୁପର୍ଣ୍ଣା ମହାପାତ୍ରଙ୍କ ସଞ୍ଚାଳନାରେ ଏହି ସଭାରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ଭଦ୍ରକର ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଧାମନଗରର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ପୂର୍ବତନ ଅଧ୍ୟକ୍ଷ ଅଶୋକ ନାୟକ, ସାମାଜିକ କର୍ମୀ ଡା. ସଞ୍ଜୟ ଦାସ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଯାଜପୁର ଜିଲା ସିଙ୍ଗପୁରର ସାଇନିଂ ଷ୍ଟାର ଡ୍ୟାନ୍ସ ଏକାଡେମୀ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଅବସରରେ ବିଭିନ୍ନ ଅଞ୍ଚଳର ବହୁ ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଖଗେଶ୍ୱର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତ୍ୟୁଷରୁ ପଣ୍ଡିତମାନଙ୍କ ଦ୍ୱାରା ସୂର୍ଯ୍ୟପୂଜା, ମଣ୍ଡଳାଦି ପୂଜା, ଅଗ୍ନି ସ୍ଥାପନ, ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା ଓ ବୈଷ୍ଣବ କର୍ମଶାଳା ଅନୁଷ୍ଠିତ ହୋଇଥିଲା।

# ‘ପରିବାରରୁ ଶିଶୁକୁ ମିଳେ ଉତ୍ତମ ସଂସ୍କାର’


କର୍ମଶାଳାରେ ଏସ୍‌ପି ମନୋଜ ରାଉତ ଓ ଅନ୍ୟ ଅତିଥି।

**ଶିଶୁ ସୁରକ୍ଷାକୁ ସୁଦୃଢ଼ ପାଇଁ କର୍ମଶାଳା**

**ଭଦ୍ରକ,୨୭।୨(ସନାତନ ରାଉତ)**

ଭଦ୍ରକ ଜିଲା ପୋଲିସ ସଭାଗୃହ ପରିସରରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଚାଲିଥିବା ଦୁଇଦିନିଆ କର୍ମଶାଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଶିଶୁ ମଙ୍ଗଳ କମିଟିର ସଦସ୍ୟ ପ୍ରଦୀପ୍ତ କରଙ୍କ ପୌରୋହିତ୍ୟରେ ଆୟୋଜିତ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଏସ୍‌ପି ମନୋଜ ରାଉତ ଯୋଗଦେଇ ଶିଶୁକୁ ସୁନ୍ଦର ସଂସ୍କାର ପରିବାରରୁ ମିଳିଲେ ସେ ସମାଜରେ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବ ବୋଲି କହିଥିଲେ। ଅତିରିକ୍ତ ଏସ୍‌ପି ସମ୍ବିତ କୁମାର ମାଝୀ, ଜିଲା କର୍ମ ନିଯୋଜନ ଅଧିକାରିଣୀ ଅନିତା ନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି, ଜନ ଶିକ୍ଷଣ ସଂସ୍ଥାନର କାର୍ଯ୍ୟକ୍ରମ ପରିଚାଳକ ମିଲୁ ମହାନ୍ତି, ରତନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିଶୁ ସୁରକ୍ଷା ୟୁନିଟର ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ କର୍ମଶାଳାର ଆଭିମୁଖ୍ୟ ଓ ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ସମସ୍ତ ଥାନାର କାର୍ଯ୍ୟରତ ଶିଶୁ ମଙ୍ଗଳ ପୋଲିସ ଅଧିକାରୀ, ଅଭିଭାବକ, ସଖୀ ସେଣ୍ଟରର ପ୍ରଶାସିକା ପୁଷ୍ପାଞ୍ଜଳି ବେହେରା, ଶକ୍ତି କେନ୍ଦ୍ରର ପରିଚାଳିକା ଯୋଗମାୟା ଚାନ୍ଦ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶିଶୁ ସୁରକ୍ଷା ୟୁନିଟ୍‌ର ସୁରକ୍ଷା ଅଧିକାରିଣୀ ସ୍ୱାଗତିକା ବାରିକ, କୁଳଦୀପ ଜେନା, ଦମୟନ୍ତୀ ଦାଶଙ୍କ ସମେତ ଚାଇଲ୍ଡ ଲାଇନର ଟିମ୍ ସଦସ୍ୟ ଚନ୍ଦ୍ରକାନ୍ତ ଗୋଚ୍ଛାୟତ ଓ କାହ୍ନୁ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସଂଘବିରୋଧୀ କାର୍ଯ୍ୟକୁ କୃଷକସାଥୀଙ୍କ ନିନ୍ଦା



ଖବରଦାତା ସମ୍ମିଳନୀରେ ଉପସ୍ଥିତ କୃଷକସାଥୀ।

**ଆଗରପଡ଼ା,୨୭।୨(ସୁଶାନ୍ତ ଦାସ)**

ଆଗରପଡ଼ା ମହତାବ ୟୁଥ୍ କ୍ଲବ୍ ପରିସରରେ ବନ୍ତ ବ୍ଲକ ଆଗରପଡ଼ା ୧୪ ନଂ. ଜୋନ୍ କୃଷକସାଥୀ ଓ ଚାଷୀମାନଙ୍କ ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ସଂଘବିରୋଧୀ କାର୍ଯ୍ୟକୁ ନିନ୍ଦା କରାଯାଇଛି। କୃଷକସାଥୀ ସଂଘର ବ୍ଲକ ସଭାପତି ପର୍ଶୁରାମ ପଣ୍ଡା, ସମ୍ପାଦକ ରାଧାକାନ୍ତ ଆଇଚଙ୍କ ସହ ତୋଡ଼ଗାଁ ପଞ୍ଚାୟତ କୃଷକ ସାଥୀ ମିଳିତ ଭାବେ ସଂଘବିରୋଧୀ କାର୍ଯ୍ୟକୁ ନିନ୍ଦା କରିଛନ୍ତି। ସେହିପରି ଆଡ଼ିଆ ପଞ୍ଚାୟତରେ ନୂତନ ଭାବେ ଚୟନ କରାଯାଇଥିବା କୃଷକସାଥୀଙ୍କୁ ସମ୍ପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରାଯିବାକୁ ଦାବି ହୋଇଛି। ଗଣେଶ ରାଉତ, ଶଶଧର ପାଳ, ମଧୁସୂଦନ ପଣ୍ଡା, ନିର୍ମଳ ଜେନା, ସୁରେନ୍ଦ୍ର ରାଉତ, ଜୟଦେବ ସିଂହ, ରମେଶ ଦାସ, ବିଶ୍ୱମ୍ଭର ଯେନା, ମଦନ ନାୟକ, ଅଲେଖ ମଲ୍ଲିକ, ଭାଗୀରଥି ବେହେରା, ବିଶ୍ୱନାଥ ପ୍ରଧାନ, ଲକ୍ଷ୍ମୀଧର ଦାସଙ୍କ ସମେତ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ କୃଷକସାଥୀ ଓ ଚାଷୀ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

# ଜଳିଗଲା ୬ ବଖରା

**ଧୂଷୁରୀ,୨୭।୨(ଦୀପ୍ତିରଞ୍ଜନ ନାୟକ)**

ଧୂଷୁରୀ ଥାନା ଓ ଆରଡ଼ି ଫାଣ୍ଡି ଅଧୀନ ଆରଡ଼ି ବଜାର ନିକଟରେ ଶୁକ୍ରବାର ପୂର୍ବାହ୍ନରେ ଅଗ୍ନିକାଣ୍ଡ ଘଟି ୨ ପରିବାରର ୬ ବଖରା ଘର ଜଳିଯାଇଛି। ଶ୍ରୀଧର ସାହୁ ଓ ବଂଶୀଧର ସାହୁଙ୍କ ଛପର ଘର ଜଳି ଉଠିବା ସହ ପାଖରେ ଥିବା ଗଜେନ୍ଦ୍ର ସାହୁଙ୍କ ଛପର ଘରକୁ ନିଆଁ ବ୍ୟାପୀ ଯାଇଥିଲା। ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ଚେଷ୍ଟା କରିବା ସହ ନିଆଁ ଲାଗିଥିବା ଘର ଭିତରୁ ବୃଦ୍ଧାଙ୍କ ସମେତ ୩ଜଣଙ୍କୁ ଉଦ୍ଧାର କରିଥିଲେ। ଆସବାବପତ୍ର ସହ ଲକ୍ଷାଧିକ ଟଙ୍କାର ଜିନିଷପତ୍ର, ଦରକାରୀ ଜମିଜମା କାଗଜପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଧାମନଗର ଅଗ୍ନିଶମ ବାହିନୀ ପହଞ୍ଚିଲା ବେଳକୁ ଲୋକେ ନିଆଁ ଲିଭାଇ ସାରିଥିଲେ। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ଆଖଣ୍ଡଳମଣି ମନ୍ଦିର ପରିସରରୁ ଜଳନ୍ତା ଘିଅ ଦୀପ କାଉ ନେଇ ଆସି ଛପର ଘର ଉପରେ ରଖିଥିବା କାରଣରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ଏପରି ପୂର୍ବରୁ ଅନେକ ଥର ହୋଇଥିବା ସ୍ଥାନୀୟ ଲୋକେ କହିଛନ୍ତି।

# ବିନତରା ଉ.ପ୍ରା. ବିଦ୍ୟାଳୟରେ ବାର୍ଷିକୋତ୍ସବ

**ଚାନ୍ଦବାଲି,୨୭।୨(କିଷାନ ପାତ୍ର)**

ଚାନ୍ଦବାଲି ବ୍ଲକ ଗୋପାଳପୁର କ୍ଲଷ୍ଟର ଅଧୀନ ବିନତରା ଉ.ପ୍ରା. ବିଦ୍ୟାଳୟରେ ଶୁକ୍ରବାର ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିଶାକର ନାଥଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୋପାଳପୁର ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକ ତପନ ସାହୁ ଓ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ନିମାଇଁ ପାଣି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ ନନ୍ଦ ଓ ଉପସଭାପତି ସ୍ୱର୍ଣ୍ଣଲତା ନାୟକ ଯୋଗ ଦେଇଥିଲେ। ପିଲାମାନେ ଭଲ ମଣିଷ ହୋଇ ଦେଶ ଓ ଜାତିର ନାମ ରଖିବା ସହ କେବଳ ଶିକ୍ଷା କ୍ଷେତ୍ରରେ ନୁହେଁ ବରଂ ପ୍ରତ୍ୟେକ କ୍ଷେତ୍ରରେ ନିଜର ପ୍ରତିଭା ପ୍ରଦର୍ଶନ କରିବାକୁ ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ମହାନ୍ତି ବିଷ୍ଣୁ ବନ୍ଦନା ଗାନ କରିଥିବା ବେଳେ ସୁଚିସ୍ମିତା ଖଟୁଆ ସ୍ୱାଗତ ଭାଷଣ ପ୍ରଦାନ ଓ ଲକ୍ଷ୍ମୀପ୍ରିୟା ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇଥିଲା। ବାର୍ଷିକ କ୍ରୀଡ଼ାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ନନ୍ଦିନୀ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ମୋନାଲିସା ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।

# ‘ବାର୍ଷିକୋତ୍ସବ ବିଦ୍ୟାଳୟର ଗରିମା ବଢ଼ାଏ’

**ଧୂଷୁରୀ,୨୭।୨(ଦୀପ୍ତିରଞ୍ଜନ ନାୟକ)**


ସଭାସ୍ଥଳରେ ‘ରେବତୀ’ ନାଟିକାରେ ୨ ଛାତ୍ରୀ ଅଭିନୟ ପ୍ରଦର୍ଶନ କରୁଛନ୍ତି।

ଚାନ୍ଦବାଲି ବ୍ଲକ ଅଧୀନ ସୁନ୍ଦରପୁର–ଦୋହରାପାଟଣା ଉ.ପ୍ରା. ବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅନିଲ କୁମାର ଦାସଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଅତିଥି ଭାବେ ସୁନ୍ଦରପୁର ସରପଞ୍ଚ ଅଭିମନ୍ୟୁ ଜେନା, ସମିତିସଭ୍ୟ ଶରତ ଚନ୍ଦ୍ର ବେହୁରିଆ, ପୂର୍ବତନ ସିଆର୍‌ସିସି ଦେବବ୍ରତ ରାଉତ, ପ୍ରଫୁଲ୍ଲ ପାତ୍ର, ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ବନିତା ପୃଷ୍ଟି, ସିଆର୍‌ସିସି ଦିଲୀପ ଶେଖର ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୁଶଭଦ୍ର ସେଠୀ, ପ୍ରାଣବନ୍ଧୁ ଓଝା, ସାହୁସାହି ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଜୟ କୁମାର ସାହୁ, ଧୂଷୁରୀ ପ୍ରେସ୍ ୟୁନିୟନ ସଭାପତି ସନ୍ତୋଷ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଉଲି ଦାସ ପ୍ରମୁଖ ଯୋଗ ଦେଇଥିଲେ। ବାର୍ଷିକୋତ୍ସବ ବିଦ୍ୟାଳୟର ଗରିମା ବଢ଼ାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିବା ସହ ବ୍ୟାସକବିଙ୍କ ରଚିତ ‘ରେବତୀ’ ନାଟିକାରେ ଉଚ୍ଚକୋଟୀର ଅଭିନୟ କରିଥିଲେ। ବାର୍ଷିକ କ୍ରୀଡ଼ା ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରଜ୍ଞା ଅପରାଜିତା ନାୟକ ଅତିଥି ପରିଚୟ ଦେଇଥିବା ବେଳେ ଶିକ୍ଷକ ଦେବ ନାରାୟଣ ଗୋଚ୍ଛାୟତ ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷକ ଅନିଲ କୁମାର ଦାସ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ମନୋରମା ନାୟକ ଓ ପରିଚାଳନା କମିଟି ସଭ୍ୟାସଭ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ୮ ବାଲି ବୋଝେଇ ହାଇୱା ଜବତ

**ବନ୍ତ,୨୭।୨(ହରିନାରାୟଣ ମହାନ୍ତି)**

ବନ୍ତ ଥାନା ଅଧୀନ ବନ୍ତ ଡିଗିପଡ଼ିଆ ନିକଟରେ ଶୁକ୍ରବାର ପୋଲିସ ବେଆଇନ ବାଲି ବୋଝେଇ ୮ ହାଇୱା ଜବତ କରିଛି। ସୂଚନା ଅନୁଯାୟୀ, ବନ୍ତ ଥାନା ଅଞ୍ଚଳରେ ଏନ୍‌ଫୋର୍ସମେଣ୍ଟ ଡ୍ୟୁଟି ସମୟରେ ପୋଲିସ ଡିଗିପୋଖରୀ ପଡ଼ିଆଠାରେ ୮ ହାଇୱାକୁ ଅଟକାଇଥିଲା। ବୈଧ ଟ୍ରାଞ୍ଜିଟ୍ ପାସ୍ ନ ଥାଇ ବେଆଇନ ଭାବେ ବାଲି ପରିବହନ ହେଉଥିଲା। ଯାଞ୍ଚ ପରେ ଚାଳକମାନେ ବାଲି ପରିବହନ ପାଇଁ କୌଣସି ପ୍ରାଧିକୃତ କାଗଜପତ୍ର ଦେଖାଇ ପାରି ନ ଥିଲେ। ଜଣେ ଚାଳକ ଗାଡ଼ିକୁ ଛାଡି ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଏନେଇ ପୋଲିସ ଗାଡ଼ି ଚାଳକ ଓ ମାଲିକଙ୍କ ନାମରେ ମାମଲା(ନଂ.୭୮/୨୬) ରୁଜୁ କରି ତଦନ୍ତ ଜାରି ରଖିଛି।

# ଭଣ୍ଡାରିପୋଖରୀ ମୁନ୍‌ସୀ ମେଳଣ ଆରମ୍ଭ

**ଭଣ୍ଡାରିପୋଖରୀ,୨୭।୨ (ରାଜେନ୍ଦ୍ର ଶତପଥୀ)**

ଐତିହାସିକ ଭଣ୍ଡାରିପୋଖରୀ ମୁନ୍‌ସୀ ମେଳଣ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଭଣ୍ଡାରିପୋଖରୀ ଥାନା ପରିସରରେ ‘ମୁନସୀ ମେଳଣ’ ନାମରେ ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଜୀଉଙ୍କ ମେଳଣ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଥାନା ପରିସରରେ ଥିବା ଶୀତିକଣ୍ଠେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା ସହ ଦୋଳ ମେଳଣ ଉତ୍ସବ ଆରମ୍ଭ ହୋଇଛି। ଶୁକ୍ରବାର ଓ ଶନିବାର ମେଲୋଡ଼ି, ରବିବାର ପ୍ରତ୍ୟୁଷରେ ବିମାନ ପୂଜା ହୋଇ ଉତ୍ସବ ଉଦ୍‌ଯାପନ ହେବ।

ଭାରତର ସ୍ୱାଧୀନତା ସଂଗ୍ରାମ ସହ ଯୋଡ଼ି ହୋଇରହିଛି ‘ମୁନ୍‌ସୀ ମେଳଣ’ର ଇତିହାସ। ୮୪ ବର୍ଷ ପୂର୍ବେ ବ୍ରିଟିଶ ଶାସନ କାଳ ୧୯୪୩ରୁ ଆରମ୍ଭ ହୋଇ ପୋଲିସ–ଜନତା ସମ୍ପର୍କର ସ୍ୱର୍ଣ୍ଣିମ ସ୍ୱାକ୍ଷର ବହନ କରି ନିରବଚ୍ଛିନ୍ନ ଭାବେ ମେଳଣ ଅନୁଷ୍ଠିତ ହୋଇଆସୁଛି। ଭଣ୍ଡାରିପୋଖରୀ ଥାନାର ‘କ୍ରାଇମ୍ ଡାଇରୀ’ ଭାଗ–୩ର ପୃଷ୍ଠା ୨୧୮ରୁ ୨୨୫ ମଧ୍ୟରେ ତତ୍କାଳୀନ ଜମାଦାରଙ୍କ ଦ୍ୱାରା ତା ୧୫।୦୭.୧୯୪୪ ରିଖରେ ଲିପିବଦ୍ଧ ହୋଇଛି ଏହି ପର୍ବ ପାଳନର ବିବରଣୀ। ୧୯୪୨ ଭାରତଛାଡ଼ ଆନ୍ଦୋଳନ ସମୟରେ ଭଣ୍ଡାରିପୋଖରୀ ଥାନାକୁ ସ୍ୱାଧୀନତା ସଂଗ୍ରାମୀମାନେ ପୋଡ଼ି ଦେଇଥିଲେ। ଥାନାରେ ଦଫା ୧୪୭ ଓ ୪୩୬ରେ ମାମଲା(ନଂ.୧୪/୪୨) ରୁଜୁ ହୋଇଥିଲା। ବହୁ ସଂଗ୍ରାମୀଙ୍କୁ ଅକଥନୀୟ ନିର୍ଯାତନା ଦିଆଯାଇ ଜେଲ ପଠାଇ ଦିଆଯାଇଥିଲା। ବିବରଣୀରୁ ଜଣାଯାଏ ଯେ ୩୭ଜଣଙ୍କୁ ଏହି ଘଟଣାରେ ଦଣ୍ଡ ସହ ୨୦ଜଣ ପ୍ରମାଣ ଅଭାବରୁ ଖଲାସ ହୋଇଥିଲେ। ଏହାସହ ଦକ୍ଷିଣବାଡ଼, ଉତ୍ତରବାଡ଼, ତୋରତ, ଚନ୍ଦ୍ରଭାନୁପୁର ଆଦି ଗ୍ରାମର ଲୋକଙ୍କଠାରୁ ରକ୍ତମୁଖା ପୋଲିସ ପୁଟିଣି କର ବସାଇ ୬୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇ ଥାନା ପୁନଃ ନିର୍ମାଣ କରିଥିଲା। ୧୯୪୨ରେ ଏହି ଘଟଣା ଯୋଗୁ ପୋଲିସ ସହ ଜନସାଧାରଣଙ୍କ ସମ୍ପର୍କ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇପଡ଼ିଥିଲା। ଜନସମ୍ପର୍କକୁ ପୁନଃ ପ୍ରତିଷ୍ଠା କରିବା ପାଇଁ ୧୯୪୩ରେ ଥାନା ଓ ପୋଲିସ ପ୍ରଶାସନ ପକ୍ଷରୁ ଉଦ୍ୟମ ହୋଇଥିଲା। ତତ୍କାଳୀନ ମୁନସୀ ସାହେବଙ୍କ ଉଦ୍ୟମକ୍ରମେ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଥାନା ପରିସରରେ ସେହିବର୍ଷ ଏହି ମେଳଣ ଆରମ୍ଭ ହୋଇଥିଲା। ଗଣପର୍ବ ଦୋଳ ପାଳନ ସହ ରାଧାକୃଷ୍ଣଙ୍କ ବହୁ ବିମାନ ଥାନା ପରିସରରେ ଏକତ୍ରିତ ହୋଇ ଭକ୍ତ ଓ ଭଗବାନ ଫଗୁ ଖେଳରେ ସାମିଲ ହେବା ପରମ୍ପରା ସୃଷ୍ଟି କରାଯାଇଥିଲା। ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କ ସୃଷ୍ଟିକାରୀ ଫଗୁ ଖେଳ ଆରମ୍ଭ ହୋଇଥିଲା।

# ପ୍ରାଣୀ ଚିକିତ୍ସାକେନ୍ଦ୍ର ଅକ୍ତିଆର କରିବାକୁ ଯୋଜନା

**ଧାମନଗର,୨୭।୨(ସନ୍ତୋଷ କୁମାର ମହାପାତ୍ର)**


ଶିଶୁମନ୍ଦିର ନିକଟରେ ଥିବା ପ୍ରାଣୀ ଚିକିତ୍ସାକେନ୍ଦ୍ର।

ଧାମନଗର ବ୍ଲକ ଆନନ୍ଦପୁର ପଞ୍ଚାୟତରେ ଏକ ବେସରକାରୀ ଶିକ୍ଷାନୁଷ୍ଠାନ ନିକଟରେ ଥିବା ସରକାରୀ ପ୍ରାଣୀ ଚିକିତ୍ସାକେନ୍ଦ୍ରକୁ ବେଆଇନ ଭାବେ ଅକ୍ତିଆର କରିବା ପାଇଁ ଯୋଜନା କରାଯାଉଛି। ସରକାରଙ୍କ ପକ୍ଷରୁ ୨୦୧୧ରେ ଆନନ୍ଦପୁର ପ୍ରାଣୀ ଚିକିତ୍ସା କେନ୍ଦ୍ର ପ୍ରାୟ ୨୦ ଲକ୍ଷ ଟଙ୍କା ବ୍ୟୟରେ ୨ ମହଲା ବିଶିଷ୍ଟ କୋଠାଘର ନିର୍ମାଣ କରାଯାଇଥିଲା। କିଛିବର୍ଷ ସେଠାରେ ପ୍ରାଣୀମାନଙ୍କୁ ଚିକିତ୍ସା କରାଯାଇଥିଲା। ୨୦୨୧ରେ ଲାଇଭଷ୍ଟକ ଇନ୍ସପେକ୍ଟର ଅବସର ନେବା ପରେ ଉକ୍ତ ଚିକିତ୍ସାକେନ୍ଦ୍ର ଅଚଳ ହୋଇ ପଡ଼ିରହିଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଉକ୍ତ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ଲାଗି ଏକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ରହିଛି। ଦୀର୍ଘ ୫ ବର୍ଷ ଧରି ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ଏହି କେନ୍ଦ୍ରଟିକୁ ଜବରଦଖଲ କରିବା ନେଇ ଶିଶୁମନ୍ଦିରର କର୍ତ୍ତୃପକ୍ଷ ଯୋଜନା ଚଳାଇଛନ୍ତି। ସେଠାରେ ସିମେଣ୍ଟ ପ୍ଲାଷ୍ଟର, ଗ୍ରିଲ୍ ମେଜିଆ, କଂକ୍ରିଟ ଢଳେଇ ଆଦି ବିଭିନ୍ନ ପ୍ରକାର କାର୍ଯ୍ୟ ଜାରି ରଖିଛନ୍ତି। ଏହି ସରକାରୀ କୋଠାକୁ ଏକ ବେସରକାରୀ ଶିକ୍ଷାନୁଷ୍ଠାନ ବିନା ଅନୁମତିରେ ମରାମତି କରି ଏହାକୁ ଅକ୍ତିଆର କରିବା ପାଇଁ ଉଦ୍ୟମ କରିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି। ଏ ସମ୍ପର୍କରେ ଧାମନଗର ପ୍ରାଣୀ ଚିକିତ୍ସା ଅଧିକାରିଣୀ ଝାନ୍ସୀରାଣୀ ତପସ୍ୱୀ କହିଛନ୍ତି, କିଛିଦିନ ପୂର୍ବରୁ ଜଣେ ବ୍ୟକ୍ତି ଫୋନରେ କହିଥିଲେ ଯେ ପରିତ୍ୟକ୍ତ ଅବସ୍ଥାରେ ଥିବା କେନ୍ଦ୍ରକୁ ଆମେ ମରାମତି କରି ସେଠାରେ ଶିଶୁ ବିଦ୍ୟାମନ୍ଦିର ପାଇଁ ଏକ ଅଫିସ ଏବଂ ସାଇକେଲ ଷ୍ଟାଣ୍ଡ କରିବୁ। ଆପଣଙ୍କର ଯେବେ ଆବଶ୍ୟକ ଆମେ ଛାଡ଼ିଦେବୁ। ହେଲେ ଏପରି କରିବା ପାଇଁ ସେ ବାରଣ କରିଥିଲେ। ପରେ ଉକ୍ତ ଚିକିତ୍ସାକେନ୍ଦ୍ରକୁ କ୍ଷେତ୍ର ପରିଦର୍ଶନରେ ଯାଇ ବେଆଇନ ମରାମତି କାର୍ଯ୍ୟ ଚାଲିଥିବା ଦେଖିବାକୁ ପାଇଥିଲେ। ଏ ବିଷୟରେ ସେ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଏବଂ ଧାମନଗର ବିଡିଓଙ୍କୁ ଅବଗତ କରିଛନ୍ତି। ଅପରପକ୍ଷେ ଆନନ୍ଦପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ କହିଛନ୍ତି, ଦୀର୍ଘବର୍ଷ ହେବ ଏହି କେନ୍ଦ୍ରକୁ କୌଣସି ଡାକ୍ତର ନ ଆସିବା ସହ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଥିଲା। ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଥିଲା। ଏଣୁ ଏହାକୁ ମରାମତି କରି ଶିଶୁ ବିଦ୍ୟାମନ୍ଦିରର ଏକ ଅଫିସ ଏବଂ ସାଇକେଲ ଷ୍ଟାଣ୍ଡ କରିବା ପାଇଁ ସ୍ଥିର କରିଥିଲେ। ଏ ସମ୍ପର୍କରେ ମଧ୍ୟ ଧାମନଗର ପ୍ରାଣୀ ଚିକିତ୍ସା ଅଧିକାରିଣୀଙ୍କୁ ଜଣାଇଥିଲେ ମଧ୍ୟ ସେ ମନା କରିଥିଲେ। ତେବେ ଯେଉଁ ସମୟରେ ଆବଶ୍ୟକ ପଡ଼ିବ ଆମେ ଛାଡ଼ିଦେବୁ ବୋଲି ଦେବେନ୍ଦ୍ର କହିଛନ୍ତି।

# ବାରିପଦାରେ ଲୋକ ଅଧିକାର ଯାତ୍ରା

## ଜଳ,ଜଙ୍ଗଲ,ଜମି ଓ ଜୀବିକାର ସୁରକ୍ଷା ସହ ବିକଳ୍ପ ବିକାଶ ଧାରା ପାଇଁ ଆହ୍ୱାନ

ବାରିପଦା,୨୭।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଜଳ, ଜଙ୍ଗଲ ଓ ଜମିର ସୁରକ୍ଷା ସହିତ ପ୍ରତିଟି ସାଧାରଣ ମଣିଷର ଜୀବିକା ରକ୍ଷା ଲାଗି ଜାତିର ଗୌରବ ଉତ୍କଳ ଗୌରବ ମଧୁସୂଦନ ଦାଶଙ୍କ ଜନ୍ମପୀଠ ସତ୍ୟଭାମାପୁରରୁ ଲୋକ ଅଧିକାର ଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରା ବାରିପଦାରେ ପହଞ୍ଚିବା ପରେ ସମ୍ପର୍କ ଛକରେ ଅଭିଯାତ୍ରୀ ଦଳଙ୍କୁ ସ୍ଥାନୀୟ ବହୁ ବୁଦ୍ଧିଜୀବୀ, ସଂଗଠକ ସ୍ୱାଗତ ଜଣାଇ ଏକ ଶୋଭାଯାତ୍ରାରେ ଅବସରପ୍ରାପ୍ତ କର୍ମଚାରୀ ଭବନ ନିକଟକୁ ପାଛୋଟି ନେଇଥିଲେ।

ସାମାଜିକ କର୍ମୀ ଆର୍ଯ୍ୟଭଟ ମହାନ୍ତିଙ୍କ ସଭାପତିତ୍ୱରେ କର୍ମଚାରୀ ଭବନଠାରେ ଆୟୋଜିତ ବୈଠକରେ ପରିବେଶବିତ ତଥା ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା, ପଶ୍ଚିମ ଓଡ଼ିଶା କୃଷକ ସଂଗଠନର ନେତା ଲିଙ୍ଗରାଜ, ଗାନ୍ଧୀବାଦୀ ନେତା ତଥା ଲୋକ ଅଧିକାର ଯାତ୍ରାର ସଂଯୋଜକ ଡା. ବିଶ୍ୱଜିତ, ଜନ ଆନ୍ଦୋଳନ ମାନଙ୍କର ରାଷ୍ଟ୍ରୀୟ ସମନ୍ୱୟର ରାଜ୍ୟ ଆବାହକ ନରେନ୍ଦ୍ର ମହାନ୍ତି, ସାମାଜିକ କର୍ମୀ କଲ୍ୟାଣ ଆନନ୍ଦ, ସାଂସ୍କୃତିକ କର୍ମୀ ରାଜକିଶୋର ସୁନାନୀ, ଯୁବନେତା ଲକ୍ଷ୍ମଣ ନାୟକ, ମହମ୍ମଦ ଇସଲାମ, ଅଧ୍ୟାପକ ସେକ ନାସିର ବକ୍ସ, ଅରୁଣ ଜେନା, ସୁଶାନ୍ତ ମହାନ୍ତି, ରାଜୀବ କୁମାର, କ୍ଷେତ୍ରମୋହନ ମହାନ୍ତ, ସର୍ବେଶ୍ୱର ସାହୁ, ସୁକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ଜଳ,ଜଙ୍ଗଲ,ଜମି ଓ ଜୀବିକାର ସୁରକ୍ଷା ତଥା ଲୋକଙ୍କ ବଞ୍ଚିବାର ଅଧିକାର ପାଇଁ ଏକ ବିକଳ୍ପ ବିକାଶ ଧାରା ପାଇଁ ଆହ୍ୱାନ ଦେଇଥିଲେ। କେବଳ ଖଣି ଖନନ ଏବଂ ଶିଳ୍ପ ମାଧ୍ୟମରେ ରାଷ୍ଟ୍ରର ସର୍ବକାଳୀନ ବିକାଶ ଅସମ୍ଭବ। କାରଣ ଯଦି ମାଟିତଳେ ଥିବା ଖଣିଜ ସମ୍ପଦ ବ୍ୟବହାର କରାଯାଏ ତେବେ ଆଗାମୀ ୫୦ ବର୍ଷ ପରେ ଖଣିଜ ସମ୍ପଦ ସରିଗଲେ ଆଗାମୀ ପିଢ଼ି କ'ଣ କରିବେ ବୋଲି କହିଥିଲେ। ଏଣୁ ପ୍ରାକୃତିକ ସମ୍ପଦ ଜଳ, ଜଙ୍ଗଲ ଜମିର ସଦୁପଯୋଗ କରାଯାଇ ବିକଳ୍ପ ବିକାଶ ଦିଗରେ ସରକାରଙ୍କ ସହିତ ସମସ୍ତେ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ।

ବୈଠକରେ ବାରିପଦାର ପୂର୍ବତନ ବିଧାୟକ କିଶୋର ଦାସ, ସାମାଜିକ କର୍ମୀ ଶରତ ଚନ୍ଦ୍ର ନାୟକ, ଯୁବ ସଂଗଠକ ସଞ୍ଜୀବ ରାଉତ, ସଂଗଠକ ନନ୍ଦ କୁମାର ମହାପାତ୍ର, ବିବେକାନନ୍ଦ ପଟ୍ଟନାୟକ, ବିଷ୍ଣୁ ପୂର୍ତ୍ତି, ଗୌରୀ ନାଏକ, ମିନକେତନ ବେହେରା, ପ୍ରମୁଖ ବହୁ ବୁଦ୍ଧିଜୀବୀ, ସଂଗଠକ ଜଳ, ଜଙ୍ଗଲ, ଜମିର ସୁରକ୍ଷା ନେଇ ବକ୍ତବ୍ୟ ରଖିଥିଲେ। ଖବରଦାତା ଦୀପକ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଯାତ୍ରା ମାର୍ଚ୍ଚ ୨୯ ତାରିଖରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଶହୀଦ ଦିବସରେ ଶେଷ ହେବ ବୋଲି ସୂଚନା ମିଳିଛି।



ଅଭିଯାତ୍ରୀ ଦଳ ସଦସ୍ୟମାନଙ୍କୁ ସ୍ୱାଗତ କରାଯାଉଛି।

## ମୟୂରଭଞ୍ଜ ଜିଲାରେ ମୃଦୁ ଭୂକମ୍ପ

ବାରିପଦା,୨୭।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ଶୁକ୍ରବାର ଅପରାହ୍ନରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଛି। ଏନେଇ ଲୋକେ ଭୟଭୀତ ହୋଇ ପଡ଼ିଥିବାବେଳେ କୌଣସି ପ୍ରକାରର କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି। ଜାତୀୟ ଭୂକମ୍ପ କେନ୍ଦ୍ର ତଥ୍ୟ ଅନୁଯାୟୀ, ବାଂଲାଦେଶରେ ୫.୫ ତ୍ରୀବ୍ରତାର ଭୂକମ୍ପ ଅପରାହ୍ନ ୧ଟା୨୨ରେ ଅନୁଭୂତ ହୋଇଥିଲା। ଏହି ଭୂକମ୍ପର ଦୂରବର୍ତ୍ତୀ ପ୍ରଭାବ ଯୋଗୁ ମୟୂରଭଞ୍ଜ ସମେତ ଓଡ଼ିଶାର କେତେକ ଅଞ୍ଚଳରେ ମୃଦୁ ଭୂକମ୍ପ ଅନୁଭୂତ ହୋଇଥିଲା।

## ଲୁଟେରାଙ୍କ ଆକ୍ରମଣରେ ନାବାଳକ ଗୁରୁତର

ଉଦଳା,୨୭।୨(ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ୧୨ନଂ. ୱାର୍ଡରେ ଲୁଟେରାଙ୍କ ଆକ୍ରମଣରେ ଜଣେ ନାବାଳକ ଗୁରୁତର ହୋଇଛନ୍ତି। ଘରେ ଚୋରି କରିବାକୁ ପଶିଥିବା ବେଳେ ପ୍ରତିରୋଧ କରିବାରୁ ଦୁଇ ଲୁଟେରା ନାବାଳକଙ୍କ ହାତକୁ ଧାରୁଆ ଅସ୍ତ୍ରରେ କାଟି କ୍ଷତାକ୍ତ କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ଦିଲ୍ଲୀପ ସେଠି ଏବଂ ତପସ୍ୱିନୀ ସେଠିଙ୍କ ବଡ଼ପୁଅ ନାବାଳକ ସୁଧାଂଶୁ(୧୪) ଗୁରୁବାର ତାଙ୍କ ବଡ଼ବାପାଙ୍କ ଘରେ ଏକୁଟିଆ ଥିଲେ। ଅପରାହ୍ନରେ ସେ ଘର ବାହାରକୁ ଆସିଥିବା ବେଳେ ଅଚାନକ ୨ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଆସି ତାଙ୍କ ବଡ଼ବାପାଙ୍କ ଘର ଭିତରକୁ ଧସେଇ ପଶିଥିଲେ। ସୁଧାଂଶୁ ବିରୋଧ କରିଥିବା ବେଳେ ଦୁର୍ବୃତ୍ତ ଦ୍ୱୟ ଘର ଭିତରେ ପଶି ଗଡ଼ରେଜ ଖୋଲି ଚୋରି କରିବାକୁ ଉଦ୍ୟମ କରିଥିଲେ। ଦୁର୍ବୃତ୍ତ ଦ୍ୱୟଙ୍କ ସହିତ ସୁଧାଂଶୁଙ୍କର ଧସ୍ତାଧସ୍ତି ଧସ୍ତାଧସ୍ତି ମଧ ହୋଇଥିଲା। ଶେଷରେ ଦୁର୍ବୃତ୍ତ ଦ୍ୱୟ ଚୋରି କରି ନ ପାରିବାରୁ ସୁଧାଂଶୁଙ୍କ ଦୁଇ ହାତକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ଘଟଣାସ୍ଥଳରୁ ଚାଲିଯାଇଥିଲେ। ଆକ୍ରମଣରେ ଗୁରୁତର ସୁଧାଂଶୁ ଚେତାଶୂନ୍ୟ ହୋଇ ଘର ଭିତରେ ପଡ଼ି ରହିଥିଲେ। ବଡ଼ମାଆ ଏବଂ ପରିବାର ଲୋକେ ଘରେ ପହଞ୍ଚିବା ପରେ ସୁଧାଂଶୁଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ମେଡିକାଲରେ ଭର୍ତ୍ତି କରିଛନ୍ତି।


ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୁରୁତର ସୁଧାଂଶୁ।

## ଇଟା ବୋଝେଇ ଟ୍ରାକ୍ଟର ଧକ୍କାରେ ଜଣେ ମୃତ

ବାରିପଦା,୨୭।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀ ହାଟ ଛକରେ ଶୁକ୍ରବାର ଟ୍ରାକ୍ଟର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସରୋଜ ନାଏକ(୨୫)। ସେ ସ୍ଥାନୀୟ ଫେବ୍ରିକେସନ ଦୋକାନରେ କାମ କରନ୍ତି। ଶୁକ୍ରବାର ସକାଳେ ଦୋକାନ ସମ୍ମୁଖ ରାସ୍ତାକୁ ଆସୁଥିବା ବେଳେ ଦ୍ରୁତଗତିରେ ଆସୁଥିବା ଏକ ଇଟା ବୋଝେଇ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ମାଣତ୍ରୀ ଡାକ୍ତରଖାନା ଓ ପରେ ବାରିପଦା ପିଆର୍‌ଏମ୍ ମେଡିକାଲ ଏବଂ ତାପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର ସମୟରେ ସୋର ନିକଟରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଜଙ୍ଗଲ ସୁରକ୍ଷା ପାଇଁ ଶପଥ ନେଲେ ଗ୍ରାମବାସୀ

### କେଶଡିହାରେ ଅଗ୍ନି ନିବାରଣ ସଚେତନତା ଶୋଭାଯାତ୍ରା

ଠାକୁରମୁଣ୍ଡା,୨୭।୨(ତାରାକାନ୍ତ ପଟ୍ଟନାୟକ)

କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବନାଞ୍ଚଳର କେଶଡିହାଠାରେ ୨୭ ତାରିଖରେ ବନ ବିଭାଗ ପକ୍ଷରୁ ଅଗ୍ନି ନିବାରଣ ସଚେତନତା ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।

କେଶଡିହା ଗ୍ରାମପଞ୍ଚାୟତର ଜନସାଧାରଣଙ୍କୁ ନେଇ ଅନୁଷ୍ଠିତ ସଭାରେ ଠାକୁରମୁଣ୍ଡା ଲ୍ୟାମ୍ପସ ସଭାପତି ଗଣନାଥ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ନିଆଁକୁ ରୋକିବାରେ ଲୋକ ପୂର୍ବ ପରି ସହଯୋଗ ଜାରି ରଖିବାକୁ ନିବେଦନ କରିଥିଲେ। ସଚେତନତା ସଭାରେ କେଶଡିହା ଗ୍ରାମପଞ୍ଚାୟତର ଗ୍ରାମବାସୀ ଯୋଗଦେଇ ଜଙ୍ଗଲକୁ ସୁରକ୍ଷା ଓ ନିଆଁ ଦାଉରୁ ରକ୍ଷା କରିବା ପାଇଁ ଶପଥ ନେଇଥିଲେ। ସମ୍ମାନିତ ଅତିଥି ଭାବେ ବାଲିପୋଷି ସେକ୍ସନ ବନପାଳ ପ୍ରଦୀପ କିଶୋର ହାଇବୁରୁ, ଠାକୁରମୁଣ୍ଡା ବନପାଳ ବିଦ୍ୟାଧର ମହାନ୍ତ, ଶରତ କୁମାର ତ୍ରିପାଠୀ ଯୋଗଦେଇ ଜଙ୍ଗଲ ସୁରକ୍ଷା ପାଇଁ ସମସ୍ତଙ୍କର ସହଯୋଗ ଲୋଡ଼ିଥିଲେ। ବନପାଳ ସିଂରାୟ ପୂର୍ତ୍ତି, ବନରକ୍ଷୀ କ୍ଷୀରେଶ୍ୱରୀ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ସୁବ୍ରତ ବିଶ୍ୱାଳ ସାଧନ ବ୍ୟକ୍ତି ଭାବେ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ।


ସଚେତନତା ସଭାରେ ଉପସ୍ଥିତ ଅତିଥିମାନେ।

## ଗୃହ ତାଲିକା, ଗଣନା ନେଇ ପ୍ରଶିକ୍ଷଣ

ବାରିପଦା,୨୭।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଜନଗଣନା ୨୦୨୭ ପ୍ରଥମ ପର୍ଯ୍ୟାୟ ଅନ୍ତର୍ଗତ ଗୃହତାଲିକା ଓ ଗୃହ ଗଣନା ସମ୍ପର୍କିତ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଛି ।ବାରିପଦା ଜିଲା ପରିଷଦ ସମ୍ମେଳନ କକ୍ଷରେ ଚାଲିଥିବା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଦୁଖବନ୍ଧୁ ନାୟକ ସଭାପତିତ୍ୱ କରି ଜନଗଣନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଷଲ। ଏହି ପ୍ରଶିକ୍ଷଣରେ ଜିଲାସ୍ତରୀୟ ଅଧିକାରୀ, ଚାର୍ଜ ଜନଗଣନା ଅଧିକାରୀ, ନଗରପାଳିକା ଓ ୟୁଏଲ୍ବି/ଏନଏସିର କାର୍ଯ୍ୟ ନିର୍ବାହୀ ଅଧିକାରୀ, ବ୍ଲକ ଉନ୍ନୟନ ଅଧିକାରୀ ଓ ସମ୍ବନ୍ଧିତ କର୍ମଚାରୀ ନିଜ ନିଜ ସହାୟକଙ୍କ ସହିତ ଅଂଶଗ୍ରହଣ କରିଥିଲେ। ଜନଗଣନା ୨୦୨୭ କାର୍ଯ୍ୟକ୍ରମକୁ ସୂଚାରୁ ଭାବେ କାର୍ଯ୍ୟାନ୍ୱୟନ କରିବା ପାଇଁ ଜିଲା ଓ ଚାର୍ଜସ୍ତର ଅଧିକାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି ସମୟରେ ଗୃହତାଲିକା ଓ ଗୃହ ଗଣନାର ପ୍ରକ୍ରିୟା, ନିୟମାବଳୀ ଓ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନା କରାଯାଇଥିଲା। ଜନଗଣନା ନିର୍ଦ୍ଦେଶାଳୟର ସହକାରୀ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଦାସ, ଷ୍ଟାଟିଷ୍ଟିକାଲ ଇନଭେଷ୍ଟିଗେଟର ଏମ.ସି ପୁରୁଧୁଲ, ତନ୍ମୟ ଗୁପ୍ତା ପ୍ରମୁଖ ଉପସ୍ଥିତ ରହି ତାଲିମ ଦେବା ସହ ବିଭିନ୍ନ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହା ସହ ଗଣନା ପ୍ରକ୍ରିୟା, ସତ୍ୟାପନ ପଦ୍ଧତି, କ୍ଷେତ୍ରସ୍ତରର ସମନ୍ୱୟ ଓ ଅଭିଯୋଗ ନିରାକରଣ ବ୍ୟବସ୍ଥା ସମ୍ପର୍କରେ ସବିଶେଷ ଭାବେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଜିଲା ପ୍ରଶାସନ, ନଗର ପ୍ରଶାସନ, ରେଭେନ୍ୟୁ ବିଭାଗ ଓ ଅନ୍ୟାନ୍ୟ ସମ୍ବନ୍ଧିତ ବିଭାଗମାନଙ୍କ ମଧ୍ୟରେ ସମନ୍ୱୟକୁ ସୁଦୃଢ଼ କରାଯାଇଥିଲା। ଡେପୁଟି କଲେକ୍ଟର ଦୀପାଞ୍ଜଳୀ ସିଂ ଧନ୍ୟବାଦ ଦେଇଥିଲେ।

## ବିଭ୍ରାଟ ସୁଧାରିବାକୁ ପ୍ରଶାସନ ତତ୍ପର

### ପିଞ୍ଛାବଣିଆ ଦୋଳ ମେଳଣ

ବୈଶିଙ୍ଗା,୨୭।୨(ରତନ ଦାଶ)

ଉତ୍ତର ଓଡ଼ିଶାର ସର୍ବ ପୁରାତନ ପିଞ୍ଛାବଣିଆ ଦୋଳ ମେଳଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଗତ ବର୍ଷର ବିଭ୍ରାଟକୁ ସୁଧାରିବା ପ୍ରଶାସନିକ ତତ୍ପରତା ପ୍ରକାଶ କରିଥିବା ଦେଖିବାକୁ ମିଳିଛି।

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ପୁରୁଣିଆ ପଞ୍ଚାୟତର ନୂଆଗାଁ ଗ୍ରାମ ଓ ବାଲେଶ୍ୱର ଜିଲାର ପିଞ୍ଛାବଣିଆ ଗ୍ରାମ ଦୁଇଟିର ସୀମାନ୍ତରେ ଏହି ଦୋଳ ଉତ୍ସବ ୩ ଦିନ ଧରି ଅନୁଷ୍ଠିତ ହୋଇଥାଏ। ହୋଲି ଅବସରରେ ଆୟୋଜିତ ହେଉଥିବା ମେଳାରେ ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ କିଣାବିକା ହୋଇଥାଏ। ଗତ କିଛିବର୍ଷ ହେଲା ଏହି ମେଳାରେ ୫ ଲକ୍ଷରୁ ଉର୍ଦ୍ଧ୍ୱ ଜନସମାଗମ ହେଉଥିବା ବେତନଟୀ ବ୍ଲକ ପ୍ରଶାସନ ସୂଚନା ଦେଇଛି। ବୈଶିଙ୍ଗା ପୋଲିସ ଓ ରୂପ୍‌ସା ଥାନା ପୋଲିସ ପକ୍ଷରୁ ଅସ୍ଥାୟୀ ଫାଣ୍ଡି ସ୍ଥାପନ କରାଯିବା ସହିତ ଶାନ୍ତି ଶୃଙ୍ଖଳ ରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ କରାଯାଇଥାଏ।

ଚଳିତ ବର୍ଷ ମାର୍ଚ୍ଚ ୩ ଓ ୪ ତାରିଖରେ ଏହି ମେଳା ପଡୁଛି। ୫ ତାରିଖ ମେଳା ଶେଷ ହେବ। ମେଳା ପୂର୍ବରୁ ବୈଶିଙ୍ଗା–ରୂପସା ମୁଖ୍ୟ ରାସ୍ତାର ବଙ୍ଗାଳିଡିହି ଛକଠାରୁ ମେଳା ପଡ଼ିଆ ପର୍ଯ୍ୟନ୍ତ ପିଚୁ ରାସ୍ତା କାମ ଯୋରସୋରରେ ଚାଲିଛି। ରୂପ୍‌ସା ରେଳ ଷ୍ଟେଶନରୁ ମେଳାକୁ ପିଚୁରାସ୍ତା ରହିଥିବାବେଳେ ମୟୂରଭଞ୍ଜ ଜିଲାରେ ମାଟିରାସ୍ତା ହିଁ ଏକମାତ୍ର ଭରସା ଥିଲା। ଚଳିତ ବର୍ଷ ଦୋଳମେଳା ପୂର୍ବରୁ ମେଳା ପଡ଼ିଆକୁ ପିଚୁ ସଂଯୋଗ କାମ ସଂପୂର୍ଣ୍ଣ ହେବ ବୋଲି ଅଞ୍ଚଳବାସୀ ଆଶା ରଖିଛନ୍ତି। ତେବେ ଗତବର୍ଷ ଅତ୍ୟଧିକ ଭିଡ଼ ନିୟନ୍ତ୍ରଣ କରିବାରେ ପୋଲିସ ପ୍ରଶାସନର ବିଫଳତା ସ୍ପଷ୍ଟ ପରିଲକ୍ଷିତ ହୋଇଥିଲା। ଫଳରେ ଦୂରଦୂରାନ୍ତରୁ ପିଲାଛୁଆଙ୍କୁ ଧରି ମେଳା ବୁଲିବାକୁ ଆସିଥିବା ଗାଡ଼ି ମୋଟର ଗୁଡ଼ିକ ମେଳାପଡିଆଠାରୁ ୩ କିମି ଦୂରରେ ଅତ୍ୟଧିକ ଜାମ ଭିତରେ ଫସି ରହିଥିଲେ। ସେଠାରେ ପରିସ୍ଥିତି ଏଭଳି ହୋଇଥିଲା ଯେ ଦୁଇ ଚକିଆ ଗାଡ଼ି ମଧ ଭିଡ଼ ଭିତରେ ପଶିବାକୁ ସକ୍ଷମ ହୋଇପାରି ନ ଥିଲା। ସେଠାରେ ବାଇକ୍ ବା ଚାରି ଚକିଆ ଗାଡ଼ି ନିରାପଦରେ ରଖିବା ପାଇଁ କୌଣସି ଷ୍ଟାଣ୍ଡ ମଧ ନ ଥିଲା। ମେଳା ପଡିଆ ନିକଟରେ ଷ୍ଟାଣ୍ଡ ବ୍ୟବସ୍ଥା ରହିଥିଲା। ହେଲେ ସେଠାରେ ପହଞ୍ଚିବା ଅସମ୍ଭବ ଥିଲା। ତେଣୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ଶେଷରେ ଶତାଧିକ ଲୋକ ଫେରିଯିବାକୁ ବାଧ୍ୟ ହୋଇଥିଲେ। ବେତନଟୀ ପୋଲିସ ଉପଖଣ୍ଡ ଅଧିକାରୀ ସୁଶ୍ରୀ ମିନତି ବିଶ୍ୱାଳଙ୍କୁ ଏ ବିଷୟରେ ପଚାରିବାରୁ ଚଳିତବର୍ଷ ଟ୍ରାଫିକ ନିୟନ୍ତ୍ରଣ ଉପରେ ପୂର୍ବାପେକ୍ଷା ଅଧିକ ଗୁରୁତ୍ୱାରୋପ କରାଯିବ ଏବଂ ସବୁକିଛି ଶୃଙ୍ଖଳିତ ଭାବେ ପରିଚାଳିତ ହେବ ବୋଲି କହିଛନ୍ତି।

## ବାସନ୍ତୀ ଦୁର୍ଗା ପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ

ବାରିପଦା,୨୭।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ସହର ୱାର୍ଡ ନଂ.୨୦ ଷ୍ଟେଶନରୋଡ (ସୁନଗଡ଼ିଆ)ରେ ୭୩ତମ ବାସନ୍ତୀ ପୂଜା ପାଇଁ ଶୁକ୍ରବାର ସକାଳେ ଶ୍ରଦ୍ଧାଳୁ, କର୍ମକର୍ତ୍ତା ଓ ଶୁଭେଚ୍ଛୁଙ୍କ ଗହଣରେ ଶୁଭସ୍ତମ୍ଭ ସ୍ଥାପନ ହୋଇଛି। ଏହି ଉତ୍ସବ ଉପଲକ୍ଷେ କମିଟିର ସଭାପତି ତରୁଣ ମହାନ୍ତି, ସମ୍ପାଦକ ପରମାନନ୍ଦ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ଡ.ମହେନ୍ଦ୍ରନାଥ ଦାସ ଏବଂ କର୍ମକର୍ତ୍ତା ଦିଲ୍ଲୀପ କୁମାର କମିଲା, ସଞ୍ଜୟ ରାମ, ଶୈଳେଶ କୁମାର ରଣା, ପ୍ରଦୀପ କୁମାର ପଣ୍ଡା, ଜ୍ଞାନରଞ୍ଜନ ପଣ୍ଡା, ଗୋପାଳ ବେହେରା, ହରିଶ୍ଚନ୍ଦ୍ର ମହାନ୍ତି, ମୋହିତ କୁମାର ପଣ୍ଡା, ରାଜେଶ କୁମାର ବଳା, ରାଜ କୁମାର ସାହୁ, ଅନିତା ସେଠୀ, ମୁକେଶ ବଳା, ପୂଜକ ସୁଦର୍ଶନ ଦ୍ୱିବେଦୀ ଓ ସାହି ବାସିନ୍ଦା ଉପସ୍ଥିତ ଥିଲେ।

## ସରିଲା ମୁର୍ଗାପାହାଡ଼ି ମହୋତ୍ସବ


ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଉଦଳା,୨୭।୨(ସନ୍ତୋଷ କୁମାର ବାଛିନୀ)

ଉଦଳା ବ୍ଲକ ଅଧୀନ ବଡ଼ଖମଣ ପଞ୍ଚାୟତରେ ଚାଲିଥିବା ମୁର୍ଗାପାହାଡ଼ି ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଆଦିବାସୀ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ଏହି ମହୋତ୍ସବର ଆଭିମୁଖ୍ୟ ବୋଲି ମହୋତ୍ସବ କମିଟିର ସଭାପତି କାହ୍ନୁଚରଣ ମୁର୍ମୁ କହିଛନ୍ତି। ଉଦ୍‌ଯାପନୀ ସନ୍ଧ୍ୟାରେ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ଯୁବନେତା ବିଜୟ ସେନାପତି, ଶତୃଘନ ବିଶ୍ୱାଳ, ଲକ୍ଷ୍ମୀଧର ମୁର୍ମୁ ପ୍ରମୁଖ ମଞ୍ଚାସୀନ ହୋଇ ମହୋତ୍ସବ ଏକ ଭାଇଚାରାର ପର୍ବ ସହିତ ପରସ୍ପର ସହ ସୁସମ୍ପର୍କ ସ୍ଥାପନ କରିବା ନିଜ ଅଞ୍ଚଳର ଆଦିବାସୀ ସଂସ୍କୃତିକୁ ବଞ୍ଚାଇ ରଖିବା ନିହାତି ଜରୁରୀ ବୋଲି କହିଥିଲେ। ମହୋତ୍ସବ କମିଟିର ସମସ୍ତ କାର୍ଯ୍ୟକର୍ତ୍ତାମାନଙ୍କୁ ବିଧାୟକ ପ୍ରଶଂସା କରିଥିଲେ। ମାର୍ଶାଲ ଡାହା ସୋସିଆଲ କଲଚରାଲ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ମୁର୍ଗାପାହାଡି କ୍ଲବ ଦ୍ୱାରା ଏହି ମହୋତ୍ସବ ଆୟୋଜିତ ହୋଇଥିଲା। ସାନ୍ତାଳୀ ପରମ୍ପରାର ନୃତ୍ୟ, ଧୁମ୍‌ସା, ମାଦଳ ତାଳେ ତାଳେ ଗ୍ରାମର ଯୁବତୀ ଯୁବକ ମାନେ ନୃତ୍ୟ ପରିବେଷଣ କରିଥିଲେ।

## ଠାକୁରମୁଣ୍ଡା ରେଞ୍ଜରେ ହରିଣ ମୃତ


ମରି ପଡ଼ିଥିବା ହରିଣ।

ଠାକୁରମୁଣ୍ଡା,୨୭।୨
(ତାରାକାନ୍ତ ପଟ୍ଟନାୟକ)

କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ କେନ୍ଦୁଜିଆଣି ଫରେଷ୍ଟ ବିଟ୍ ଅନ୍ତର୍ଗତ ଜଡିବିଲ ସଂରକ୍ଷିତ ଜଙ୍ଗଲ କଡ଼କୁ ଚାଲି ଆସିଥିବା ଏକ ହରିଣର ମୃତ୍ୟୁ ଘଟିଛି। ମୃତ ଅଣ୍ଡିରା ହରିଣର ବୟସ ପ୍ରାୟ ଅଢେଇ ବର୍ଷ ହେବ। ସୂଚନା ଅନୁଯାୟୀ ଶୁକ୍ରବାର ସୀମାନ୍ତ କେନ୍ଦୁଝର ଜିଲା ମାଛଗଡ଼ ଜଙ୍ଗଲରୁ ଦୌଡ଼ି ଆସିଥିବା ହରିଣଟି ସକାଳ ପ୍ରାୟ ୮ ଟା ସମୟରେ ଯୋଡିବିଲ ଗ୍ରାମ ସଂରକ୍ଷିତ ଜଙ୍ଗଲ କଡରେ ମୁମୂର୍ଷୁ ଅବସ୍ଥାରେ ପଡିଥିବା ଦେଖି ସ୍ଥାନୀୟ ଲୋକେ ବନ ବିଭାଗକୁ ସୂଚନା ଦେଇଥିଲେ। ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା, ଫରେଷ୍ଟର ନଳିନିକାନ୍ତ ମହାନ୍ତ, ଫରେଷ୍ଟ ଗାର୍ଡ ଗାୟତ୍ରୀ ମହାନ୍ତ, ପ୍ରମୋଦ କୁମାର ମହାନ୍ତ, କିଶୋର କୁମାର ପାତ୍ର ପ୍ରମୁଖ ପହଞ୍ଚି ହରିଣଟିକୁ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ବନ ବିଭାଗ ଆଣିବାକୁ ଉଦ୍ୟମ କରିବା ସମୟରେ ହରିଣର ମୃତ୍ୟୁ ଘଟିଥିଲା। ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ବ୍ୟବଚ୍ଛେଦ ପରେ ବନ ବିଭାଗ ହରିଣକୁ ପୋତି ଦେଇଛି।

## ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ

### ପଶୁଦା ଉଚ୍ଚ ବିଦ୍ୟାଳୟ

ଗୋପବନ୍ଧୁ ନଗର,୨୭।୨
(ଶାନ୍ତନୁ କୁମାର ମଦ୍ଦୁଆଳ)

ଗୋପବନ୍ଧୁ ନଗର ବ୍ଲକ ଅଧୀନ ପଶୁଦା ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠାର ୫୦ ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ଏପ୍ରିଲ ମାସରେ ସୁବର୍ଣ୍ଣ ଜୟନ୍ତୀ ପାଳନ ହେବ। ଏନେଇ ଗୁରୁବାର ପୂର୍ବାହ୍ନ୧୧ଟାରେ ବିଦ୍ୟାଳୟ ପରିସରରେ ବିଧାୟକ ଭାସ୍କର ଚନ୍ଦ୍ର ମଢେଇଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପ ଜିଲାପାଳ ସୁଶାନ୍ତ କୁମାର ବାରିକ, ବିଡିଓ ପୃଥିରାଜ ପରିଡ଼ା, ପ୍ରକଳ୍ପ ଅଧିକାରୀ ନରେନ୍ଦ୍ର ଖମାରୀ, ଖୁଣ୍ଟା ଥାନା ଅଧିକାରୀ ପଞ୍ଚାନନ ମହାନ୍ତି, ଅତିରିକ୍ତ ତହସିଲଦାର ଶୁଭନ ନାୟକ, ସହକାରୀ ଯନ୍ତ୍ରୀ ଅଭିଷେକ କାପୁଡିଆ, ବ୍ଲକ ଶିକ୍ଷା ଅଧିକାରୀ ଡ. ଅଭିମନ୍ୟୁ ସେଠୀ, ବିଆର୍‌ସିସି କୁଳମଣି ନାଏକ, ପ୍ରଧାନ ଶିକ୍ଷକ କାର୍ତ୍ତିକ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପୁରାତନ ଛାତ୍ର କମିଟିର ସଭାପତି ଶ୍ରୀକାନ୍ତ ରାଉତ, ସମ୍ପାଦକ ଅଜୟ କୁମାର ରାଉତ, କୋଷାଧ୍ୟକ୍ଷ ଷ୍ଟାଲିନ ଦେଙ୍କ ସମେତ ବହୁ ପୁରାତନ ଛାତ୍ରୀ ଛାତ୍ର, ଅଭିଭାବକ, ତଥା ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟା ସଭ୍ୟ ଉପସ୍ଥିତ ଥିଲେ। ପୁରାତନ ଛାତ୍ରୀଛାତ୍ରମାନଙ୍କୁ ନେଇ ସୁବର୍ଣ୍ଣ ଜୟନ୍ତୀ ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ ହୋଇଛି।

## ଆରମ୍ଭ ହେଲା କରଞ୍ଜିଆ ଦୋଳ ମେଳଣ

କରଞ୍ଜିଆ,୨୭।୨(କବିତା ମହାନ୍ତ)

କରଞ୍ଜିଆ ପ୍ରସିଦ୍ଧ ଦୋଳ ମେଳଣ ଗୁରୁବାରଠାରୁ ଆରମ୍ଭ ହୋଇଛି। ଚଳିତ ବର୍ଷ ସହରର ୧୨ଟି ରାଧା କୃଷ୍ଣଙ୍କ ବିମାନ ସାହି ବୁଲିବା ସହିତ ଭୋଗ ଗ୍ରହଣ କରୁଛନ୍ତି। ଶନିବାର ଉପଖଣ୍ଡର ଯଶିପୁର, ଠାକୁରମୁଣ୍ଡା ଇନ୍ଦୁପୁର ସମେତ ମୋଟ ୨୨ଜୀଉଙ୍କ ମହାମିଳନ ମେଳଣ ପଡିଆଠାରେ ଆୟୋଜିତ ହେବ। ଦୋଳ ମେଳା ସମିତି ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ହୋଲି ଖେଳି ଶ୍ରୀ ଜୀଉ ବାହୁଡ଼ି ଯିବେ। ତେବେ ଚଳିତ ବର୍ଷ ଚନ୍ଦ୍ର ଗ୍ରହଣ ଯୋଗୁ କାଯ୍ୟକ୍ରମରେ କିଛି ପରିବର୍ତ୍ତନ କରାଯିବ ବୋଲି ଦୋଳ କମିଟି ପକ୍ଷରୁ ଜଣାପଡ଼ିଛି।

## ୫ରେ ସାଇଁକୁଳା ଦୋଳ ମେଳଣ

ଗୋପବନ୍ଧୁ ନଗର,୨୭।୨(ଶାନ୍ତନୁ କୁମାର ମଦ୍ଦୁଆଳ)

ଗୋପବନ୍ଧୁ ନଗର ବ୍ଲକ୍ ସାଇଁକୁଳା ପ୍ରସିଦ୍ଧ ଦୋଳ ମେଳଣ ଆସନ୍ତା ମାର୍ଚ୍ଚ ୫ ତାରିଖରେ ଆରମ୍ଭ ହେବ। ଏ ନେଇ ଗୁରୁବାର ଅପରାହ୍ନରେ ଦୋଳ ମଣ୍ଡପଠାରେ ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପ ଜିଲାପାଳ ସୁଶାନ୍ତ କୁମାର ବାରିକ, ବିଡିଓ ପୃଥିରାଜ ପରିଡା, ଥାନା ଅଧିକାରୀ ପଞ୍ଚାନନ ମହାନ୍ତି, ଅତିରିକ୍ତ ତହସିଲଦାର ଶୁଭନ ନାୟକ, ସହକାରୀ ଯନ୍ତ୍ରୀ ଅଭିଷେକ କାପୁଡିଆ, ରାଜସ୍ୱ ନୀରିକ୍ଷକ ସୁବ୍ରତ କୁମାର ପ୍ରଧାନ, ସରପଞ୍ଚ ରବିନ୍ଦ୍ର ନାଥ ସିଂ, କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି, ପଞ୍ଚାୟତ ନିର୍ବାହୀ ଅଧିକାରୀ ରଣଜିତ କୁମାର ଗିରି, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ବେହେରା, ଦୋଳ କମିଟିର ସଭାପତି ବୈଦ୍ୟନାଥ ମିଶ୍ର, ସମ୍ପାଦକ ଚନ୍ଦ୍ର ଶେଖର ଦାସଙ୍କ ସମେତ ବିଦ୍ୟୁତ୍, ଅଗ୍ନିଶମ, ଜଳ ପରିମଳ ଓ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ପ୍ରତି ବର୍ଷ ଭଳି ଉକ୍ତ ମେଳା ଦୁଇ ସପ୍ତାହ ଧରି ଚାଲିବାକୁ ଥିବାରୁ ଏଠାରେ ଏକ ଅସ୍ଥାୟୀ ଫାଣ୍ଡି ପ୍ରତିଷ୍ଠା ହେବ। ବିଭାଗୀୟ ଅଧିକାରୀମାନେ ନିଜ ନିଜ ଦାୟିତ୍ୱ ସମ୍ପନ୍ନ କରିବେ। ଚଳିତ ବର୍ଷ ମେଳା ୧୨୨ ବର୍ଷ ର ପଦାର୍ପଣ କରିବ। ୧୨ ତାରିଖରେ ଯାତ୍ରା ପରିବେଷଣ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି।

## ଦୋଳ ମଣ୍ଡପରେ ୧୨୦ ବିମାନ

### ଡିହିରାକୁଳରେ ଫଗୁ ଦଶମୀ ଦୋଳଯାତ୍ରା

ଉଦଳା,୨୭।୨(ସନ୍ତୋଷ କୁମାର ବାଛିନୀ)

ଉଦଳା ବ୍ଲକ ଅଧୀନ ଡିହିରାକୁଳ ଗ୍ରାମରେ ଫଗୁ ଦଶମୀ ଦୋଳଯାତ୍ରା ସମ୍ପନ୍ନ ହୋଇଛି। ଗୁରୁବାର ସନ୍ଧ୍ୟା ୭ଟା ୩୦ ମିନିଟ ସମୟରେ ନାମ ସଂକୀର୍ତ୍ତନ ଶୋଭାଯାତ୍ରାରେ ଭକ୍ତମାନଙ୍କ ଗହଣରେ ଗ୍ରାମର ଇଷ୍ଟଦେବ ଗୋପୀନାଥ ଦେବ ସୁସଜ୍ଜିତ ବିମାନରେ ପ୍ରଥମେ ଦୋଳ ମଣ୍ଡପକୁ ବିଜେ କରିଥିଲେ। ଦୋଳ ମଣ୍ଡପରେ ନୀତିକାନ୍ତି ପରେ ସନ୍ଧ୍ୟା ଆଳତି କରାଯାଇଥିଲା। ପରେ ଶ୍ରୀ ଜୀଉଙ୍କୁ ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ। ଏହା ପରେ ପଡ଼ୋଶୀ ବାଲେଶ୍ୱର ଜିଲାର ନୀଳଗିରି ଉପଖଣ୍ଡ ଏବଂ କପ୍ତିପଦା ଉପଖଣ୍ଡର ବିଭିନ୍ନ ଗ୍ରାମରୁ ବିମାନ ଯୋଗେ ଶ୍ରୀ ଜୀଉ ଦୋଳ ମଣ୍ଡପରେ ପହଞ୍ଚିଥିଲେ। ୧୨୦ଟି ବିମାନରେ ଶ୍ରୀ ଜୀଉ ମଣ୍ଡପରେ ବିଜେ କରିଥିଲେ। ଶୁକ୍ରବାର ସକାଳ ୮ ଘଟିକା ସମୟରେ ଦୋଳ ମଣ୍ଡପଠାରେ ରାହାସ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ଗ୍ରାମ ତଥା ବିଭିନ୍ନ ଅଞ୍ଚଳରୁ ଆସିଥିବା ସଂକୀର୍ତ୍ତନ ଗାୟକ, ମୃଦଙ୍ଗ ବାଦକ ଯୁଗଳ ଦେବଙ୍କ ରାସକୀର୍ତ୍ତନ ଗାନ କରିଥିଲେ। ଶତାଧିକ ମହିଳା ପୁରୁଷ ଶ୍ରଦ୍ଧାଳୁଙ୍କ ଗହଣରେ ରଙ୍ଗର ପର୍ବ ଅଭିର ଖେଳ ଅନୁଷ୍ଠିତ ହୋଇଥିଲା। ଦୋଳ କମିଟିର ସଭାପତି ହରେକୃଷ୍ଣ ପୃଷ୍ଟିଙ୍କ ସଭାପତିତ୍ୱ ଏବଂ ସଂଯୋଜକ ରମେଶ ଚନ୍ଦ୍ର ପୃଷ୍ଟିଙ୍କ ସହଯୋଗରେ ସମସ୍ତ ଠାକୁର ବିମାନ ବାହକ, ସଂକୀର୍ତ୍ତନ ଓସ୍ତାଦ, ମୃଦଙ୍ଗ ବାଦକ, ସଂକୀର୍ତ୍ତନ ଗାନ କରୁଥିବା ବ୍ୟକ୍ତି ବିଶେଷମାନଙ୍କୁ ଯଥାମାନ୍ୟ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଗ୍ରାମ ମୁଖିଆ ସନ୍ତୋଷ କୁମାର ବେହେରା, ଭୀମ ଚରଣ ପୃଷ୍ଟି, ପଦ୍ମଚରଣ ସାହୁ, ନରେନ୍ଦ୍ର ସାହୁ, ଭିକାରୀ ଚରଣ ପୃଷ୍ଟି, ଭାଗବତ ବେହେରା, ମଧୁସୂଦନ ହାତୀ, ରତିକାନ୍ତ ପାତ୍ରଙ୍କ ସମେତ ଗ୍ରାମର ସମସ୍ତ ମହିଳା ଯୁବକ ଏକତ୍ରିତ ହୋଇ ଦୋଳ ଯାତ୍ରାକୁ ସଫଳ କରିଥିଲେ। ୩ ଦିନ ବ୍ୟାପି ଦୋଳ ମଣ୍ଡପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ବିଜୟ ସେନାପତି ଏବଂ ବିଜନ ନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଦୋଳ ମଣ୍ଡପକୁ ଯାଇ ଶ୍ରୀ ଜୀଉଙ୍କୁ ଦର୍ଶନ କରିଥିଲେ। ଚଳିତ ବର୍ଷ ସଂକୀର୍ତ୍ତନ ଗାୟକ କମଳାକାନ୍ତ ବେହେରା, ରାମଚନ୍ଦ୍ର ପୃଷ୍ଟି, କୈଳାସ ଚନ୍ଦ୍ର ହାତୀ, ଜୟନ୍ତ ବେହେରା, ଆଦିକନ୍ଦ ହାତୀ ସଂକୀର୍ତ୍ତନ ଗାନ କରି ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ବେଶ ମନ୍ତ୍ରମୁଗ୍ଧ କରିଥିଲେ।


ଜଣେ ମହିଳା ବିମାନରେ ବିଜେ ଠାକୁରଙ୍କୁ ଦର୍ଶନ କରୁଛନ୍ତି।

